### ବିଶାଖାପାଟଣା-ନୂଆଦିଲ୍ଲୀ ସ୍ୱତନ୍ତ୍ର ଟ୍ରେନ୍ ରହଣି ଅନୁମୋଦିତ

# ଆନ୍ଦୋଳନ ପାଇଁ ଯାଇଥିଲେ; ବିଜୟ ଉତ୍ସବ ପାଳିଲେ

ବଲାଙ୍ଗିର,୨୨।୫(ସମିସ): ବିଶାଖାପାଟଣାରୁ ନୂଆଦିଲ୍ଲୀକୁ ଶୁକ୍ରବାର ପ୍ରଥମ କରି ସିଧାସଳଖ ଟ୍ରେନ୍ ସେବା ଆରମ୍ଭ ହୋଇଛି।; କିନ୍ତୁ ବଲାଙ୍ଗିର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ ଏହି ଟ୍ରେନର ରହଣି ବ୍ୟବସ୍ଥା କରାଯାଇ ନ ଥିଲା। ତେଣୁ ଏହାକୁ ନେଇ ବଲାଙ୍ଗିରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ସଦର ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏ ନେଇ ବିଧାୟକ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପତ୍ରଲେଖି ହସ୍ତକ୍ଷେପ କରିବାକୁ ଦାବି କରିଥିଲେ। ବଲାଙ୍ଗିରରେ ବିଶାଖାପାଟଣା-ନୂଆଦିଲ୍ଲୀ (୦୮୫୧୭) ଓ ନୂଆଦିଲ୍ଲୀ-ବିଶାଖାପାଟଣା(୦୮୫୧୮) ରହଣୀ ଦାବିନେଇ ଶୁକ୍ରବାର ବହୁ ସଂଖ୍ୟାରେ ଲୋକ ରେଲରୋକୋ କରିବାକୁ ରେଳ ଷ୍ଟେସନରେ ରୁଣ୍ଡ ହୋଇଥିଲେ। ବିଜୁ ଜନତା ଦଳର ନେତା ଓ କର୍ମୀଙ୍କ ସମେତ ବଲାଙ୍ଗିର ରେଳ ଉପଭୋକ୍ତା ସଂଘ, ବଲାଙ୍ଗିର ନାଗରିକ କମିଟି, ବଲାଙ୍ଗିର ବ୍ରାହ୍ମଣ ସମାଜ, ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ, ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ, ସମଲେଶ୍ୱରୀ ଆଳତି କମିଟି, କର୍ତ୍ତବ୍ୟ ଫାଉଣ୍ଡେସନ, ବସ୍ ୟୁନିଅନ ଆସୋସିଏସନ ସମେତ ରୁଗୁଡିପଡା ଦୁର୍ଗା ପୂଜା କମିଟିର ଶହଶହ କର୍ମକର୍ତ୍ତା ଆନ୍ଦୋଳନ ପାଇଁ



ବଲାଙ୍ଗିର ରେଳ ଷ୍ଟେସନରେ ପହଞ୍ଚିଥିଲେ; ହେଲେ ଏହି ଟ୍ରେନ ବଲାଙ୍ଗିର ରେଳ ଷ୍ଟେସନରେ ୨ ମିନିଟର ରହଣୀ ପାଇଁ ଅନୁମତି ପାଇଥିବା ରେଳ ବିଭାଗର ଅଧିକାରୀମାନେ ସୂଚନା ଦେଇଥିଲେ। ଗୁରୁବାର ରାତିରେ ବିଧାୟକ କଳିକେଶଙ୍କ ପତ୍ର ପାଇ ରେଳ ବିଭାଗ ଉପର ମହଲକୁ ଯୋଗାଯୋଗ କରିଥିଲା। ଶେଷରେ ୨ ମିନିଟର ଷ୍ଟପେଜ ପାଇଁ ଅନୁମତି ମିଳିଛି ବୋଲି ଏମାନଙ୍କୁ କୁହାଯାଇଥିଲା। ଏହା ଫଳରେ ଆନ୍ଦୋଳନ ପାଇଁ ଯାଇଥିବା ସଂଗଠନ ମିଳିତ ଭାବେ ବିଜୟ ଉତ୍ସବ ପାଳିଥିଲେ। ବାଜା ବଜାଇ ନାଚି ଉତ୍ସବ ପାଳନ କରିଥିବା ଦେଖିବାକୁ ମିଳିଥିଲା। ବଲାଙ୍ଗିର ବାସୀଙ୍କ ମିଳିତ ଦାବିକୁ ରେଳ ବିଭାଗ ସମ୍ମାନ ଜଣାଇଥିବାରୁ ଏମାନେ କୃତଜ୍ଞତା ଜଣାଇଥିଲେ। ତେବେ ବିଶାଖାପାଟଣା-ନୂଆଦିଲ୍ଲୀ(୦୮୫୧୭/୦୮୫୧୮) ଟ୍ରେନକୁ ନିୟମିତ ଚଳାଇବା ଓ ବଲାଙ୍ଗୀର ରେଳ ଷ୍ଟେସନରେ ଅନ୍ୟୁନ ୫ ମିନିଟ ରହଣୀ କରିବା ଓ ଦୈନନ୍ଦିନ ଇସ୍ପାତ ଟ୍ରେନର ସମୟ ସାରିଣୀକୁ ଉପଯୁକ୍ତ ସମୟରେ ଚଳାଇବାକୁ ଦାବି କରି ବଲାଙ୍ଗିର ଷ୍ଟେସନ ମ୍ୟାନେଜର ପିସି ମିଶ୍ରଙ୍କ ଜରିଆରେ କେନ୍ଦ୍ର ରେଳ ବିଭାଗକୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଆନ୍ଦୋଳନରେ ବଲାଙ୍ଗିର ବିଜୁ ଜନତା ଦଳର ରାଜ୍ୟ ସଂପାଦକ ଲକ୍ଷ୍ମଣ ମେହେର, ବଲାଙ୍ଗିର ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ଉପାଧ୍ୟକ୍ଷା ଗାୟିତ୍ରୀ ଭୋଇ, ନଗର ସଭାପତି

**ବଲାଙ୍ଗିରବାସୀଙ୍କ ପାଇଁ ଖୁସି ଖବର**

ଶମ୍ଭୁ ନାଗ, ପୂର୍ବତନ ପୌରାଧ୍ୟକ୍ଷା ଦମୟନ୍ତି ବାଗ, ବିଧୁଭୂଷଣ ତ୍ରିପାଠୀ, ନରସିଂହ ବାଗ, ପ୍ରଦ୍ୟୁମ୍ନ ହୋତା, ଲେଙ୍କା ସାହୁ, ଚନ୍ଦ୍ରମଣୀ ତ୍ରିପାଠୀ, ଇରସାଦ ଆରାଖାନ, ଗଙ୍ଗାଧର ଚାନ୍ଦ, ଶତ୍ରୁଘ୍ନ ବାଗ, ନନ୍ଦିନି ପୋଢ, ସଞ୍ଜୁଲତା ଦନ୍ତା, ପ୍ରେମଲତା ନାଏକ, ପ୍ରତିମା ଛତ୍ରିଆ, ପିଙ୍କି କବାଟ, ସନ୍ତଷିନୀ କୁଅଁର, ସନ୍ତୋଷ ଦନ୍ତା, ନାଗରିକ କମିଟିର ସଂପାଦକ ମଧୁସୂଦନ ନାଏକ, ସ୍ୱେଚ୍ଛାସେବୀ ସଂଘର ସଭାପତି ଉପେନ୍ଦ୍ର ନନ୍ଦ, ସଂପାଦକ ଗୋବିନ୍ଦଚନ୍ଦ୍ର ଶତପଥୀ,, କର୍ତ୍ତବ୍ୟ ଅନୁଷ୍ଠାନର କାହ୍ନା ଶତପଥୀ, ଯାଦବ ସମାଜରୁ ସନ୍ଦିବ ବାଗ ଓ ଖୁସିରାମ ଦୀପ ପ୍ରମୁଖଙ୍କ ସହ ଶତାଧିକ ପୁରୁଷ/ମହିଳା ସାମିଲ ହୋଇଥିଲେ। ଏହି ଅବସରରେ ବିଜୁ ଜନତା ଦଳ ପକ୍ଷରୁ ଯାତ୍ରୀଙ୍କୁ ଗ୍ଲୁକୋଜ ବଣ୍ଟନ କରାଯାଇଥିଲା।

## ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ କ୍ୟାମ୍ପ କୋର୍ଟ



ବଲାଙ୍ଗିର,୨୨।୫(ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ବ୍ଲକ୍‌ସ୍ତରୀୟ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ଶୁଭଶ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କର୍ମୀ ସାମନ୍ତ ଭିତିରିଆ, ରାକେଶ ପୁଟେଲ୍ ଉପସ୍ଥିତ ଥିଲେ। ୧୮ ଜଣ ଅନାଥ ଶିଶୁ ଉପସ୍ଥିତ ରହି ନିଜର ସମସ୍ତ ପ୍ରମାଣ ପତ୍ର ଯାଞ୍ଚ କରାଇଥିଲେ।

## କଣ୍ଟାବାଞ୍ଜିରେ ଗଙ୍ଗା ମାଇ ପୂଜା ମହୋତ୍ସବ ଉଦ୍‌ଯାପିତ




କଣ୍ଟାବାଞ୍ଜି,୨୨।୫(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିରେ ଚାଲିଥିବା ଶ୍ରୀ ଶ୍ରୀ ଗଙ୍ଗାମାଇ ପୂଜା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। କଣ୍ଟାବାଞ୍ଜି ବିଧାୟକ ଲକ୍ଷଣ ବାଗ, ଶ୍ରୀ ରାମ ନବମୀ ମହୋତ୍ସବ କମିଟି ସଭାପତି ରାଜୁ ଶର୍ମା, ସମ୍ପାଦକ ବେଦବ୍ୟାସ ନାଗ, କୈଳାଶ ଦୀପ, ନରେନ୍ଦ୍ର ସୁନା, ଆଇନଜୀବୀ ଅଶୋକ ଦାସ, ଗୋବିନ୍ଦ ତାଣ୍ଡି, ସୁନୀଲ ଦୀପ, ସଞ୍ଜୟ ଗାନ୍ଧୀ, ନଗେଶ୍ୱର ଦୀପ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିଙ୍କୁ ପୂଜା ମହୋତ୍ସବ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା।

### ଅବକାରୀ ବିଭାଗ ନିକଟରେ ଜନତା କଂଗ୍ରେସର ଫେରାଦ୍

## ବେଆଇନ ମଦ ବିକ୍ରି ବନ୍ଦ ଦାବି

କଣ୍ଟାବାଞ୍ଜି,୨୨।୫(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଅବକାରୀ କାର୍ଯ୍ୟାଳୟରେ ଶୁକ୍ରବାର ଓଡ଼ିଶା ଜନତା କଂଗ୍ରେସ ଫେରାଦ୍ ହୋଇଛି। ବଲାଙ୍ଗୀର ଜିଲ୍ଲା ସଂଯୋଜକ ରୂପେଶ ବେହେରାଙ୍କ ନେତୃତ୍ୱରେ ଅବକାରୀ ଅଧିକାରୀ କଣ୍ଟାବାଞ୍ଜି ରଶ୍ମିତା ଲାକ୍ରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ବ୍ଲକର ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ବେଆଇନ ଭାବରେ ଦେଶୀ



ଓ ବିଦେଶୀ ମଦ ବିକ୍ରୟ ଦିନକୁ ଦିନ ବୃଦ୍ଧି ପାଉଛି। ବିଶେଷକରି ଗ୍ରାମାଞ୍ଚଳରେ ଲାଇସେନ୍ସ ବିହୀନ ଭାବରେ ବେଆଇନ ମଦ ବିକ୍ରୟ ହେଉଥିବାରୁ ସାଧାରଣ ଲୋକ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଅବୈଧ ମଦ କାରବାର ଫଳରେ ଯୁବ ପିଢ଼ି ନିଶା ପ୍ରତି ଆକର୍ଷିତ ହେଉଛନ୍ତି ଏବଂ ଅନେକ ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ଅନେକ ସ୍ଥାନରେ ମଦ୍ୟପାନ କରି ଝଗଡ଼ା, ମାରପିଟ, ଘରୋଇ ହିଂସା ଓ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଥିବାରୁ ସାମାଜିକ ପରିବେଶ ଦୂଷିତ ହେଉଛି। ଏହା ଆମ ସମାଜ ଏବଂ ଆଗାମୀ ପିଢ଼ି ପାଇଁ ଗଭୀର ଚିନ୍ତାର ବିଷୟ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଓଡିଶା ଜନତା କଂଗ୍ରେସ ପକ୍ଷରୁ ଜନଜାଗରଣ ସୃଷ୍ଟି କରିବା ନିମନ୍ତେ ପଦଯାତ୍ରା କରିବ। ସମାଜକୁ ନିଶାମୁକ୍ତ କରିବା ଏବଂ ଯୁବ ସମାଜକୁ ଠିକ୍ ପଥରେ ଆଣିବା ଏହାର ପ୍ରମୁଖ ଉଦ୍ଦେଶ୍ୟ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିପତ୍ର ଦେବା ସମୟରେ ଓଡ଼ିଶା ଜନତା କଂଗ୍ରେସ ନେତା ଅରୁଣ ତାଣ୍ଡି, ଗୁପ୍ତେଶ୍ୱର ବେହେରା, ତରୁଣ ପନିକା, ପ୍ରଶାନ୍ତ ତାଣ୍ଡି, କୁଶଧର ମାଝୀ, ଗୋକୁଳ ବେହେରା, ପରମେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପୋଷାକ ପରିବର୍ତ୍ତନ ଘର ନିର୍ମାଣରେ ଦୁର୍ନୀତି ଅଭିଯୋଗ

କଣ୍ଟାବାଞ୍ଜି,୨୨।୫(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ କରୁଆଁମୁଣ୍ଡା ପଞ୍ଚାୟତ କୁଳିଆଦରରେ ଏକ ଦୁର୍ନୀତିର ପ୍ରମାଣ ମିଳିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରେକେଲା ପଞ୍ଚାୟତ ସମିତି ଆନୁକୂଲ୍ୟରେ କୁଳିଆଦର ଗ୍ରାମର ଏକ ପୋଖରୀରେ ପାହାଚ ଓ ପୋଷାକ ପରିବର୍ତ୍ତନ ପାଇଁ ଘର ନିର୍ମାଣ କରାଯାଇଛି। ଏଥିପାଇଁ ପ୍ରାୟ ୩ ଲକ୍ଷ ଟଙ୍କା ବ୍ୟୟ ହୋଇଛି; ମାତ୍ର କାର୍ଯ୍ୟକ୍ଷେତ୍ରରେ ଏହି ଅର୍ଥର ଠିକ୍ ବିନିଯୋଗ ନ ହୋଇ ଘୋଟାଲା ହୋଇଥିବା ଗ୍ରାମବାସୀ ସନ୍ଦେହ କରିଛନ୍ତି। ଏହି ପୋଷାକ ପରିବର୍ତ୍ତନ ଘର ନିର୍ମାଣରେ ଅତି ନିମ୍ନମାନର ମାଟି ଇଟା ବ୍ୟବହାର କରାଯାଇଛି। ଏଣୁ ଏହାର ସ୍ଥାୟିତ୍ୱ ଓ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଏହି ସମଗ୍ର ଘଟଣାରେ ସ୍ଥାନୀୟ ସରପଞ୍ଚଙ୍କ ସିଧାସଳଖ ମନମାନି ଏବଂ ସ୍ୱେଚ୍ଛାଚାରିତା ନେଇ ଲୋକେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ବାରମ୍ବାର ବିରୋଧ ସତ୍ତ୍ୱେ ନିମ୍ନମାନର କାର୍ଯ୍ୟ କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।



## ନିର୍ଭୁଲ୍ ଓ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତିକୁ ଗୁରୁତ୍ୱ

ବଲାଙ୍ଗିର,୨୨।୫(ସମିସ): ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁସାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ବା ଏସ୍‌ଆଇଆରକୁ ସଫଳ ଓ ସ୍ୱଚ୍ଛ କରିବା ପାଇଁ ଜିଲ୍ଲାପାଳଙ୍କ ସଭାଗୃହରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଓ ଜିଲ୍ଲା ନିର୍ବାଚନ ଅଧିକାରୀ ଗୌରବ ଶିୱାଜୀ ଇସଲୱାର ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ରହି ଏସ୍‌ଆଇଆର ପ୍ରକ୍ରିୟାକୁ ସୂଚାରୁ ଓ ସ୍ୱଚ୍ଛ ଭାବରେ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା,



ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ ପଟେଲ, ଟିଟିଲାଗଡ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାରେ ନିର୍ଭୁଲ୍ ଓ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତିକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି। ୧୮ ବର୍ଷରୁ ଅଧିକ ବୟସର ଯୁବ ଭୋଟରମାନଙ୍କ ନାମ ଶତପ୍ରତିଶତ ପଞ୍ଜୀକୃତ କରିବାକୁ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଭୋଟର ତାଲିକାରୁ ମୃତ ଓ ସ୍ଥାନାନ୍ତରିତ ବ୍ୟକ୍ତିଙ୍କ ନାମ ବାଦ ଦେବା, ତ୍ରୁଟିପୂର୍ଣ୍ଣ ନାମ ଓ ଠିକଣା ସଂଶୋଧନ ପାଇଁ ଆସୁଥିବା ଆବେଦନଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମାରେ ଯାଞ୍ଚ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଭୋଟର ତାଲିକାର ଠିକ୍, ପାରଦର୍ଶିତା ନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଭୋଟଗ୍ରହଣ କେନ୍ଦ୍ର ପାଇଁ ରାଜନୈତିକ ଦଳକୁ ବୁଥ୍ ଲେଭେଲ ଏଜେଣ୍ଟ ନିଯୁକ୍ତ କରିବାକୁ କୁହାଯାଇଛି। ତାଲିକା ଦାଖଲ କରିବାକୁ ରାଜନୈତିକ ଦଳକୁ ନିର୍ଦ୍ଦେଶ ଦିଆଯାଇଛି। ବୁଥ୍ ଲେଭେଲ ଏଜେଣ୍ଟମାନେ ବୁଥ୍ ଲେଭେଲ ଅଫିସରମାନଙ୍କ ସହ ସମନ୍ୱୟ ରଖି ଖସଡା ଭୋଟର ତାଲିକାରେ ଆବଶ୍ୟକ ସଂଶୋଧନ, ନୂତନ ନାମ ସମ୍ମିଳନ ଓ ବିଲୋପ କାର୍ଯ୍ୟରେ ସହଯୋଗ କରିବେ। ସେହିପରି ଇଆରଓମାନଙ୍କୁ ସ୍ୱେଚ୍ଛାସେବୀଙ୍କ ତାଲିକା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଏଲଓ, ସ୍ୱେଚ୍ଛାସେବୀଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ସ୍ୱତନ୍ତ୍ର ସଘନ ସଂଶୋଧନ ଓଡ଼ିଶା-୨୦୨୬ ରେ ଯୋଗ୍ୟତା ତାରିଖ ଜୁଲାଇ ୧ ରହିଛି। ପ୍ରସ୍ତୁତି, ପ୍ରଶିକ୍ଷଣ ଓ ମୁଦ୍ରଣ କାର୍ଯ୍ୟ ମେ ୨୦ରୁ ୨୯ ପର୍ଯ୍ୟନ୍ତ ରହିଛି। ମେ ୩୦ରୁ ଜୁନ ୨୮ ପର୍ଯ୍ୟନ୍ତ ବିଏଲଓମାନେ ଘର ଘର ଯାଇ ପରିଗଣନା ଫର୍ମ ପୂରଣ ଓ ଯାଞ୍ଚ କାର୍ଯ୍ୟ କରିବେ। ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନଃ ବିନ୍ୟାସ ଜୁନ ୨୮ ସୁଦ୍ଧା ସମ୍ପନ୍ନ ହେବ। ଖସଡ଼ା ଭୋଟର ତାଲିକା ଜୁଲାଇ ୫ରେ ପ୍ରକାଶିତ ହେବ। ଦାବି ଓ ଆପତ୍ତି ଦାଖଲ ସମୟ ଜୁଲାଇ ୫ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ରହିବ। ନୋଟିସ ଜାରି କରିବା ଓ ଦାବି ଆପତ୍ତିର ନିଷ୍ପତ୍ତି ଜୁଲାଇ ୫ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ କରାଯିବ। ଚୂଡ଼ାନ୍ତ ଭୋଟର ତାଲିକା ସେପ୍ଟେମ୍ବର ୬ରେ ପ୍ରକାଶିତ ହେବ। ବୈଠକ ଶେଷରେ ଡେପୁଟି କଲେକ୍ଟର (ନିର୍ବାଚନ) ସୂର୍ଯ୍ୟକାନ୍ତ ପରିଡା ଧନ୍ୟବାଦ ଜଣାଇଥିଲେ।

## ଟଙ୍କା ଜମାର ୨ ବର୍ଷ ପରେ ବି ନଳକୂଅ ଖୋଳା ହେଉନି

କଣ୍ଟାମାଳ,୨୨।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବରଗାଁ ପଞ୍ଚାୟତ ଶିମିଳିଯୋରା ଗ୍ରାମର ୯ ଜଣ ଚାଷୀ ସମସ୍ୟାରେ ପଡିଛନ୍ତି। ୨ବର୍ଷରୁ ଅଧିକ ହେଲାଣି ଏମାନେ ବିଜୁ କୃଷକ କଲ୍ୟାଣ ଯୋଜନାରେ ୨୦ହଜାର ଟଙ୍କା ଲେଖାଏ ଡ୍ରାଫ୍ଟ ମାଧ୍ୟମରେ ଜମା କରିଛନ୍ତି; ହେଲେ ଏ ପର୍ଯ୍ୟନ୍ତ ଗଭୀର ନଳକୂଅ ଖନନ ହୋଇନି। ଏଣୁ ଏମାନେ ଚାତକ ପରି ଚାହିଁ ବସିଛନ୍ତି। ସୁନା, ଜମି ବାଇକ୍ ଆଦି ବନ୍ଧା ଦେଇ ଏମାନେ ଟଙ୍କା ଜମା କରିଛନ୍ତି। ସେହି ଟଙ୍କା କିପରି ପରିଶୋଧ କରିବେ ସେନେଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। କିଛି ଅସାଧୁ କର୍ମଚାରୀଙ୍କ ପାଇଁ ଆଜି ପର୍ଯ୍ୟନ୍ତ ଗଭୀର ନଳକୂପ ଖନନ ହୋଇ ନ ଥିବା ଆବେଦନକାରୀ ଚାଷୀ ମଧୁସୂଦନ ରଣା, ନିତ୍ୟାନନ୍ଦ ରଣା, ଚତୁର୍ଭୁଜ ରଣା, ସୁଦାମ ଘିବେଲା, ସତ୍ୟନାରାୟଣ ଘିବେଲା, ଭୀମ ରଣା, ବୃନ୍ଦାବନ ରଣା, ଦୁର୍ଯ୍ୟାଧନ ଘୀବେଲା, ବୈକୁଣ୍ଠ ରଣା ପ୍ରମୁଖ ଅଭିଯୋଗ କରୁଛନ୍ତି। ଯଥା ଶୀଘ୍ର ଗଭୀର ନଳକୂପ ଖନନ କରା ନ ଗଲେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଚାଷୀ କଡ଼ା ଚେତାବନୀ ଦେଇଛନ୍ତି।

## ବଡ଼ଟିକାରେ ଜଳ ସଙ୍କଟ

ବଲାଙ୍ଗିର,୨୨।୫(ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ୍ ବଡ଼ଟିକାରେ ଘୋର ଜଳ ସଙ୍କଟ ଦେଖିବାକୁ ମିଳିଛି। ପରିସ୍ଥିତି ଏତେ ଗମ୍ଭୀର ଯେ ଲୋକେ ପୋଖରୀର ଗୋଳିଆ ପାଣି ବ୍ୟବହାର କରିବାକୁ ମଧ୍ୟ ପଛାଉ ନାହାନ୍ତି; କିନ୍ତୁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ସବୁ ଜାଣି ଅଜଣା। ସବୁ ଦେଖି ଅନ୍ଧ ଭଳି ବ୍ୟବହାର କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ଏପରିକି ଘରକୁ ଘର ପାନୀୟ ଜଳ ଯୋଗାଇବ ପାଇଁ ଆରମ୍ଭ ହୋଇଥିବା ପ୍ରକଳ୍ପ ବି ଅଧାରେ ଅଟକିଛି। ଠିକାଦାର କାମ ଛାଡି ପଳାଇଥିବା ଲୋକ ଅଭିଯୋଗ କରିଛନ୍ତି। ଆଗଲପୁର ବ୍ଲକ୍ ଅଧୀନରେ ଥିବା ଏହି ଗାଁ ୫ ୱାର୍ଡକୁ ନେଇ ଗଠିତ। ଜନସଂଖ୍ୟା ପ୍ରାୟ ୪୫୦୦। ଏତେ ସଂଖ୍ୟକ ଲୋକଙ୍କ ଶୋଷ ମେଣ୍ଟାଇବା ପାଇଁ ଗାଁରେ ୨ଟି ମାତ୍ର ନଳକୂଅ ରହିଛି। ସକାଳ ହେଲେ ଲୋକଙ୍କ ପାଣି ଚିନ୍ତା। ରାତି ୩ଟାରୁ ଲୋକେ ନଳକୂଅରେ ଲମ୍ବା ଲାଇନ ଲାଗୁଛି। ନଳକୁଅରୁ ମଧ୍ୟ ଠିକ୍ ଭାବେ ପାଣି ବାହାରୁନି। ବାଧ୍ୟ ହୋଇ ପୋଖରୀର ଗୋଳିଆ ପାଣି ବ୍ୟବହାର କରୁଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷେ ଗ୍ରାମର ଜଳ କଷ୍ଟ ଦୂର କରିବାକୁ ଜଳ ଓ ପରିମଳ ବିଭାଗ ପକ୍ଷରୁ ଗାଁ ମୁଣ୍ଡରେ ଏକ ଓଭର ହେଡ଼ ଟାଙ୍କି ନିର୍ମାଣ କରାଯାଇଛି। ପାଇପ୍ ପୋତା କାମ ବି ସରିଛି; ହେଲେ ଠିକାଦାରଙ୍କ ମନମାନି ଯୋଗୁଁ ୨ ବର୍ଷ ହେଲା ନିର୍ମାଣ କାମ ସରିପାରୁ ନାହିଁ। ମନ୍ଥର ଗତିରେ ଠିକାଦାର କାମ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁର ବନ୍ଧ ମଧ୍ୟ ଶୁଖିବାକୁ ବସିଲାଣି। ଗ୍ରୀଷ୍ମ ପ୍ରବାହ ଆହୁରି ୨ମାସ ଜାରି ରହିବ। ଏଭଳି ସ୍ଥିତିରେ ପାଣି ସମସ୍ୟା ଆହୁରି ଗମ୍ଭୀର ହେବ ବୋଲି ଗ୍ରାମବାସୀ କହିଛନ୍ତି।



### ପାଟଣାଗଡ଼ରେ ବିଜେଡିର ନାରୀ ଅଧିକାର ଅଭିଯାନ

# ବିଜେପି ସରକାର ଲୋକଙ୍କୁ ଭୁଆଁ ବୁଲାଉଛି






ପାଟଣାଗଡ଼,୨୨।୫ (ସମିସ): ପାଟଣାଗଡ଼ରେ ବିଜେଡି ଶୁକ୍ରବାର ନାରୀ ଅଧିକାର ଅଭିଯାନ ଆରମ୍ଭ କରିଛି। ପାଟଣାଗଡ଼ ବିଜେଡି କାର୍ଯ୍ୟାଳୟଠାରେ ନିର୍ବାଚନ ମଣ୍ଡଳୀରୁ ଆସିଥିବା ବିଜେଡି ମହିଳା ମୋର୍ଚ୍ଚାର ହଜାର ହଜାର ମହିଳା ଏକତ୍ରିତ ହୋଇଥିଲେ। ସେମାନେ ନାରୀ ଅଧିକାର ଅଭିଯାନ ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି। ପୂର୍ବତନ ପାଟଣାଗଡ଼ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ସରୋଜ ମେହେରଙ୍କ ନେତୃତ୍ୱରେ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟଠାରୁ ସମସ୍ତେ ବ୍ଲକ ଅଫିସ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ କିଛି ସମୟ ପାଇଁ ପୁଲିସ ଓ ମହିଳାଙ୍କ ମଧ୍ୟରେ ଯୁକ୍ତିତର୍କ ସହ ଟଣାଓଟରା ପରିସ୍ଥିତି ଉପୁଜିଥିଲା। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ସୁମନ ମିଞ୍ଜଙ୍କୁ ମହିଳା ସୁରକ୍ଷା ତଥା ନାରୀ ଅଭିଯାନ ଉପରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ରରେ ମହିଳାଙ୍କ ପ୍ରତି ବଢିଚାଲିଥିବା ନିର୍ଯାତନା ବନ୍ଦ କରିବା, ସଂସଦରେ ସର୍ବସମ୍ମତି କ୍ରମେ ପୂର୍ବରୁ ଗୃହୀତ ହୋଇଥିବା ମହିଳା ସଂରକ୍ଷଣ ଅଧିନିୟମକୁ କାର୍ଯ୍ୟକାରୀ କରିବା ପ୍ରମୁଖ ରହିଛି। ବିଜେଡି ଜିଲ୍ଲା ସଭାପତି ଶ୍ରୀ ମେହେର କହିଥିଲେ ଯେ, ବିଜେପି ସାରା ରାଜ୍ୟରେ ବିଭିନ୍ନ ଗାଁ ଓ ବ୍ଲକ୍‌ଗୁଡିକରେ ମହିଳା ଆକ୍ରୋଶ କାର୍ଯ୍ୟକ୍ରମ କରୁଛି; ଯେଉଁଥିପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦୋଷାରୋପ କରୁଛି; ଯାହାକି ନିନ୍ଦନୀୟ। ଲୋକସଭାରେ ବିଜେଡିର କୌଣସି ସାଂସଦ



ନ ଥିଲେ ମଧ୍ୟ ବିଜେଡି ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରୁଥିବା ଦର୍ଶାଇ ଲୋକଙ୍କୁ ଭୁଆଁ ବୁଲାଉଛି। ଏହାର ଦୃଢ଼ ଜବାବ ଦେବା ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ମେ ୧୦ରୁ ୨୫ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ନାରୀ ଅଧିକାର କାର୍ଯ୍ୟକ୍ରମ ଚାଲୁଛି। ଏଥିସହ ପୂର୍ବରୁ ୨୦୧୭ରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଚିଠି କରିଥିଲେ। ତାହା ୨୦୨୩ରେ ଲୋକସଭା, ରାଜ୍ୟସଭା ଓ ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦନ ମଧ୍ୟ ହୋଇସାରିଛି; କିନ୍ତୁ ବିଜେପି କାହିଁକି ପୁନର୍ବାର ମହିଳା ସଂରକ୍ଷଣ ବିଲ୍ ପୁଣିଥରେ ଆଣିଛି ତାହା ହାସ୍ୟାସ୍ପଦ। ବିଜେଡି ସରକାର ସମୟରେ ମହିଳାଙ୍କୁ ସମ୍ମାନ ସହ ସଂରକ୍ଷଣ ମଧ୍ୟ ଦିଆଯାଉଥିଲା; କିନ୍ତୁ ବିଜେପି ସରକାର ୨୦୨୬ ନିର୍ବାଚନରେ ମହିଳାଙ୍କୁ ସଂରକ୍ଷଣ ଦେଲାନାହିଁ ବୋଲି କହିଥିଲେ। ପରେ ବିଜେଡି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ପ୍ରତିବାଦ ସଭାରେ ପ୍ରଥମେ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ସହ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସଭାରେ ବିଜେପି ସରକାର ମହିଳାଙ୍କୁ ଅଧିକାର, ସମ୍ମାନ, ସୁରକ୍ଷା ଦେବାରେ ବିଫଳ ହେବାସହ ମହିଳାଙ୍କ କ୍ଷେତ୍ରରେ ନିର୍ଯ୍ୟାତନା ବଢିଚାଲିଥିବା ଉପରେ ମତବ୍ୟକ୍ତ କରିବା ସହ ବିଜେପି ସରକାର ବିରୋଧରେ ପ୍ରତିବାଦ କରାଯାଇଥିଲା। କାର୍ଯ୍ୟକ୍ରମରେ ପାଟଣାଗଡ଼ ନିର୍ବାଚନ ମଣ୍ଡଳୀର ବ୍ଲକ ଉପାଧ୍ୟକ୍ଷା, ଏନଏସି ଅଧ୍ୟକ୍ଷା, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟାଙ୍କ ସହ ହଜାର ହଜାର ମହିଳା ଉପସ୍ଥିତ ଥିଲେ।

### ନାରୀ ନିର୍ଯାତନା ସୀମା ଟପି ଗଲାଣି

ଦେଓଗାଁ,୨୨।୫(ସମିସ): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନାରୀ ସମାଜର ଭାବାବେଗ ସହ ଖେଳୁଛି। ପୂର୍ବରୁ ମହିଳା ସଂରକ୍ଷଣ ବିଲ୍ ପାରିତ ହୋଇସାରିଛି; ହେଲେ କଂଗ୍ରେସକୁ ବଦନାମ କରିବା ପାଇଁ ଡବଲ ଇଂଜିନ ବିଜେପି ସରକାର ମିଥ୍ୟା ପ୍ରଚାର କରୁଛି। ଦେଶ ତଥା ନାରୀ ସମାଜ କିନ୍ତୁ ଏମାନଙ୍କ କୁମ୍ଭୀର କାନ୍ଦଣାକୁ ଠିକ୍ ବୁଝି ସାରିଛନ୍ତି। ନାରୀ ସଶକ୍ତୀକରଣର ଦ୍ୱାହି ଦେଉଥିବା ବିଜେପି ସରକାର ଖୋଦ ନାରୀଙ୍କୁ ନିର୍ଯାତନା ଦେଉଛି। ରାଜ୍ୟରେ ୨ ବର୍ଷର ବିଜେପି ସରକାରରେ ମହିଳାଙ୍କୁ ସମ୍ମାନ ଦେବା ବଦଳରେ ନାରୀ ନିର୍ଯାତନା ସୀମା ଟପି ଗଲାଣି। ରାଜ୍ୟ ବିଜେପି ସରକାର ନାରୀଙ୍କୁ ସମ୍ମାନ ଓ ସୁରକ୍ଷା ପ୍ରଦାନରେ ଅବହେଳା ଜାରି ରହିଲେ ଏକ ବଡ ଧରଣର କ୍ରାନ୍ତି ନିଶ୍ଚିତ ହେବ। ଦେଓଗାଁ ବ୍ଲକ ଭୀମ ଡୁଙ୍ଗୁରିଠାରେ ନବ ନିଯୁକ୍ତ ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ସୁଶ୍ରୀ ସୂର୍ଯ୍ୟକାନ୍ତି ଛତ୍ରିଆଙ୍କୁ ସମ୍ବର୍ଦ୍ଧନା ସମାବେଶରେ ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ଏହା କହିଛନ୍ତି। ଦେଓଗାଁ ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା।

Virat Group of Institutions
+2 SCIENCE HIGHER SECONDARY SCHOOL
Residential cum Day-Scholar
GODBHAGA, BARGARH
Toll Free 1800 890 9498
7008051326 | 7008051327

■ ଖଲିଆକାନୀରେ ବଡଧରଣର ଡକାୟତି

# ୩୦ ଭରି ସୁନା ଗହଣା ଏବଂ ୩ ଲକ୍ଷ ଟଙ୍କା ଲୁଟ୍

**ଧର୍ମଗଡ଼, ୨୨।୫(ସମିସ):** ଗୋଲାମୁଣ୍ଡା ଥାନା ଅଞ୍ଚଳରେ ବାରମ୍ବାର ଚୋରି ଓ ଡକାୟତି ଯୋଗୁଁ ଲୋକେ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି।ସାମ୍ପ୍ରତିକ ଘଟଣାକ୍ରମରେ, ଗୋଲାମୁଣ୍ଡା ଥାନା ଖଲିଆକାନୀ ଗ୍ରାମର ଆନନ୍ଦ ମେହେର (୩୫)ଙ୍କ ଘରୁ ବଡ଼ଧରଣର ଲୁଟ୍ ହୋଇଛି। ଗୁରୁବାର ରାତି ପ୍ରାୟ ୧୧ଟା ସମୟରେ ଆନନ୍ଦଙ୍କ ପରିବାର ରାତ୍ରିଭୋଜନ ସାରି ଶୋଇପଡ଼ିଥିଲେ। ଭୋର ପ୍ରାୟ ୪ଟା ସମୟରେ ତାଙ୍କ ମାଆ ଉଠି ଦେଖିବା ବେଳକୁ ଘରର ମୁଖ୍ୟ ଦ୍ୱାରର ତାଲା ଭଙ୍ଗାଯାଇଛି।ଘର ଭିତରକୁ ଯାଇ ଯାଞ୍ଚ କରିବା ପରେ ଦୁର୍ବୃତ୍ତମାନେ ଆଲମିରା ଭାଙ୍ଗି ବ୍ୟବହାର କରାଯାଉଥିବା ପ୍ରାୟ ୩୦ ଭରି ସୁନା ଗହଣା ଏବଂ ନଗଦ ୩ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଚୋରମାନେ ଗହଣା ନେଇସାରିବା ପରେ ଖାଲି ଡବାଗୁଡ଼ିକୁ ଘର ପାଖରେ ଥିବା ଶୌଚାଳୟ ନିକଟରେ ଫିଙ୍ଗି ଦେଇ ପଳାଇଛନ୍ତି। ଏ ନେଇ ଆନନ୍ଦ ମେହେର ଗୋଲାମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।ଗତ କିଛି ଦିନ ତଳେ ଗୋଲାମୁଣ୍ଡାର ଜିମୁତ ବାହାନ ହରପାଳଙ୍କ ଘରେ ମଧ୍ୟ ଚୋରମାନେ ଝରକା ଭାଙ୍ଗି ଭିତରକୁ ପଶିବାକୁ ଚେଷ୍ଟା କରିଥିଲେ। ସେହିପରି ଥାନା ଅନ୍ତର୍ଗତ ସାରସଗୁଡା ଗ୍ରାମରେ ମଧ୍ୟ ଚାଞ୍ଚଲ୍ୟକର ଡକାୟତି ଘଟିଥିଲା। ସେଠାକାର ବାସିନ୍ଦା ନିରଞ୍ଜନ ଅଘରିଆଙ୍କ ଘରେ ଦୁର୍ବୃତ୍ତମାନେ କଳାକାନା ବୁଲାଇ ନଗଦ ୨ ଲକ୍ଷ ଟଙ୍କା, ୨ ଭରି ସୁନା, ୫୦ ଭରି ରୁପା ସମେତ ୩୫୦୦ ଟଙ୍କାର ଖୁଚୁରା ପଇସା ଲୁଟି ନେଇଥିଲେ। ଏକାଧିକ ଗ୍ରାମରେ ବାରମ୍ବାର ଚୋରି ହେଉଥିଲେ ମଧ୍ୟ ପୁଲିସ ଦୁର୍ବୃତ୍ତମାନଙ୍କୁ ଧରିବାରେ ବିଫଳ ହୋଇଛି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଋତୁକାଳୀନ ଛାତ୍ରାବାସର ସ୍ଥିତି ସମୀକ୍ଷା

**କୋକସରା, ୨୨।୫(ସମିସ):** କୋକସରା ବ୍ଲକ ଉପାନ୍ତ ଅଞ୍ଚଳରେ ଥିବା ଋତୁକାଳୀନ ଛାତ୍ରାବାସ ଗୁଡ଼ିକର ସାମଗ୍ରିକ ବ୍ୟବସ୍ଥା ଓ ଭିତ୍ତିଭୂମିର ସମୀକ୍ଷା କରାଯାଇଛି। ଶୁକ୍ରବାର ଦିନ କଟକ ସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ର ସହକାରୀ ଗବେଷକ



ମିଲନ କୁମାର ଭୋଇ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ନିରୀକ୍ଷଣ କରିଛନ୍ତି। ଆମପାଣି ପଞ୍ଚାୟତ ଅଧୀନ ବିରିମୁହାଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ସାନପୋଡାଗୁଡା ପଞ୍ଚାୟତ ଅନ୍ତର୍ଗତ କୁଲେରଗୁଡା ଠାରେ ଥିବା ଋତୁକାଳୀନ ଛାତ୍ରାବାସ ପରିଦର୍ଶନ କରିଥିଲେ।କ୍ଷେତ୍ର ପରିଦର୍ଶନ ସମୟରେ କୋକସରା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତୋଫାନ ମାଝୀ ଏବଂ ଆମପାଣି ସିଆର୍‌ସିସି କେଦାରନାଥ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଗବେଷକ ଶ୍ରୀଭୋଇ ଛାତ୍ରାବାସର ବିଭିନ୍ନ ବ୍ୟବସ୍ଥା ଅନୁଧ୍ୟାନ କରିବା ସହ ପରିଚାଳନାକୁ ପ୍ରଶଂସା କରିଥିଲେ। ଶିକ୍ଷାର ଗୁଣାତ୍ମକମାନ ଏବଂ ପରିବେଶର ସ୍ୱଚ୍ଛତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଗବେଷକ ଶ୍ରୀଭୋଇ ଛାତ୍ରାବାସର ରୋଷେଇ ଗୃହ, ଶୌଚାଳୟ, ପିଲାମାନଙ୍କ ରହିବା ଓ ଗାଧେଇବା ସ୍ଥାନ, ଖାଦ୍ୟପେୟର ମାନ ଏବଂ ପାନୀୟ ଜଳ ଭଳି ସମସ୍ତ ଆନୁଷଙ୍ଗିକ ଭିତ୍ତିଭୂମି ବୁଲି ଦେଖିଥିଲେ। ଉଭୟ ଛାତ୍ରାବାସରେ ଦାଦନ ଶ୍ରମିକଙ୍କ ପିଲାମାନଙ୍କ ପାଇଁ ସମସ୍ତ ପ୍ରକାର ଉପଯୁକ୍ତ ସୁବିଧା ଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ।ଦୁଇଟି ଛାତ୍ରାବାସ ଆଗାମୀ ଦିନରେ ଦାଦନପ୍ରବଣ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ଓ ସୁରକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମତବ୍ୟକ୍ତ କରିଛନ୍ତି।

ବର୍ଷେ ହେଲା ଅଙ୍ଗନବାଡି କେନ୍ଦ୍ରରେ କର୍ମୀ ଅନୁପସ୍ଥିତ

# ନୂତନ କର୍ମୀ ନିଯୁକ୍ତି ପାଇଁ ଦାବି

**ସିନାପାଲି, ୨୨।୫(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଝାରବନ୍ଦ ଅଙ୍ଗନୱାଡି କେନ୍ଦ୍ର-୪ର ଅଙ୍ଗନବାଡି କର୍ମୀ ଆଜକୁ ବର୍ଷେରୁ ଅଧିକ ଦିନ ହେଲା ଅନୁପସ୍ଥିତ ରହୁଥିବା ଜଣାପଡ଼ିଛି। ପ୍ରାପ୍ତ ଖବର ଅନୁସାରେ ଝାରବନ୍ଦ ଅଙ୍ଗନବାଡି କେନ୍ଦ୍ର-୪ର ଅଙ୍ଗନବାଡି କର୍ମୀ ପୁଷ୍ପାଞ୍ଜଳି ମାଝି ଗତ ୨୮ ମାର୍ଚ୍ଚ ୨୦୨୫ ମସିହାରୁ ଅଙ୍ଗନବାଡି କେନ୍ଦ୍ରରେ ବିଭାଗୀୟ ଅଧିକାରୀଙ୍କ ବିନା ଅନୁମତିରେ ଅନୁପସ୍ଥିତ ରହିଆସୁଛନ୍ତି।କରଣବାହାଲି ସେକ୍ଟର ସୁପରଭାଇଜର ବାରମ୍ବାର ଉକ୍ତ କେନ୍ଦ୍ର ପରିଦର୍ଶନ କରିଥିବା ବେଳେ ଅଙ୍ଗନୱାଡି କର୍ମୀ ଅନୁପସ୍ଥିତ ଥିବା ସମ୍ବନ୍ଧିୟ କୈଫତ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ପରେ ଅଙ୍ଗନବାଡି କର୍ମୀଙ୍କ ଗୃହରେ ଅନୁପସ୍ଥିତ ସମ୍ବନ୍ଧିୟ ନୋଟିସ କରି ଗ୍ରାମବାସୀଙ୍କୁ ଅବଗତ କରିଥିଲେ।ସେନେଇ ସିନାପାଲି ସିଡିପିଓ ଏବିଷୟରେ ନୂଆପଡ଼ା ଜିଲ୍ଲା ସବ୍‌କଲେକ୍ଟର ଓ ଡିଏସଡବ୍ଲୁଓଙ୍କୁ ଜଣାଇଥିଲେ।ଚଳିତ ବର୍ଷ ମାର୍ଚ୍ଚ ମାସ ୨୩ ତାରିଖରେ ଉକ୍ତ କର୍ମୀ ଅନୁପସ୍ଥିତ କୈଫତ ଆରପିରେ ପଠାଯାଇଥିଲେ ମଧ୍ୟ ଗ୍ରହଣ କରିନଥିଲେ। ସୂଚନାଯୋଗ୍ୟଯେ ଗତ ୧୮ ମେରେ ଝାରବନ୍ଧ ଗ୍ରାମରେ ଗ୍ରାମବାସୀଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଝାରବନ୍ଧ ସରପଞ୍ଚ ବେଣୁଧର ଦୀପ, ଗ୍ରାମର ୱାଡମେମ୍ବର, ସିଡିପିଓ ଉର୍ମିଳା ମହାପାତ୍ର, ସୁପରଭାଇଜର, ପୋଷଣ ବିସି ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବୈଠକରେ ଅଙ୍ଗନୱାଡି କେନ୍ଦ୍ର-୪ର ଅଙ୍ଗନବାଡି କର୍ମୀ ପୁଷ୍ପାଞ୍ଜଳି ମାଝି ଉକ୍ତ କେନ୍ଦ୍ରରେ ଠିକ୍ ଭାବରେ କାମ କରୁନଥିବା ବେଳେ ଅବହେଳା କରି ଆସୁଥିବା ଅଭିଯୋଗ ହୋଇଥିଲା। ଆଜକୁ ବର୍ଷେରୁ ଅଧିକ ଦିନ ହେବ ଅଙ୍ଗନବାଡି କର୍ମୀ ଗ୍ରୁପ ଟଙ୍କା ଉଠାଇ ଫୋନ ଯୋଗାଯୋଗ ବନ୍ଦ କରି ପରିବାର ସଦସ୍ୟଙ୍କୁ ଧରି ଝାରବନ୍ଦ ଗ୍ରାମରୁ କୁଆଡେ ଚାଲି ଯାଇଥିବା ଗ୍ରାମବାସୀଙ୍କ ମତ ପ୍ରକାଶ ପାଇଥିଲା। ସେଠୁ ଗ୍ରାମବାସୀ ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ ଯଥାଶିଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ବହିସ୍କାର କରିବା ସହ ନୂତନ ଅଙ୍ଗନବାଡି କର୍ମୀ ନିଯୁକ୍ତି କରିବାକୁ ଗ୍ରାମବାସୀ ଦାବୀ କରିଥିଲେ। ପ୍ରକାଶ ଥାଉକି ଉକ୍ତ କେନ୍ଦ୍ରର ଅଙ୍ଗନୱାଡି କର୍ମୀ ଜଣକ ଗ୍ରାମର ଅନେକ ମହିଳାଙ୍କ ନାମରେ ବିଭିନ୍ନ ଗ୍ରୁପରୁ ଲକ୍ଷ ଲକ୍ଷ ଋଣ ଟଙ୍କା ଉଠାଇ ସେହି ଋଣ ଟଙ୍କା ନେଇ କାହାକୁ କିଛି ନକହି ପରିବାର ଲୋକଙ୍କୁ ଧରି ଗ୍ରାମରୁ କୁଆଡେ ଚାଲିଗଲେ। ସେହିଦିନରୁ ସ୍ଥାନୀୟ ଜଣେ ଅଙ୍ଗନବାଡି କର୍ମୀ ସେ କେନ୍ଦ୍ରର ଭାରପ୍ରାପ୍ତ ଅଙ୍ଗନବାଡି କର୍ମୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଗ୍ରାମବାସୀ ସହ କୌଣସି ଯୋଗାଯୋଗ ହୋଇ ପାରୁନଥିବା ବେଳେ ବିଭାଗୀୟ ଅଧିକାରୀ କର୍ମଚାରୀ ମଧ୍ୟ ତାଙ୍କ ଖୋଜ ଖବର ପାଇଁ ପାରୁନଥିବା ଅଞ୍ଚଳର ଜନସାଧାରଣରେ ଅସନ୍ତୁଷ୍ଟ ପ୍ରକାଶ ପାଉଛି। ବିଭାଗୀୟ ଉଚ୍ଚ ଅଧିକାରୀ ତୁରନ୍ତ ଦୃଷ୍ଟିଦେଇ ନୂତନ ଅଙ୍ଗନବାଡି କର୍ମୀ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି।

ମହିଳା ବିଜେଡି ପକ୍ଷରୁ ନର୍ଲାରେ ନାରୀ ଅଧିକାର ଅଭିଯାନ

# ନାରୀର ଆତ୍ମସମ୍ମାନ ପାଇଁ ଲଢ଼େଇ

**ଭବାନୀପାଟଣା, ୨୨।୫ (ସମିସ)**






ବିଜେପି ସରକାର ୩୩ ପ୍ରତିଶତ ମହିଳା ସଂରକ୍ଷଣ ଓ ନାରୀ ନିର୍ଯାତନା ନିୟନ୍ତ୍ରଣ କରିବାରେ ଅସମର୍ଥ ପ୍ରତିବାଦ କରି ନର୍ଲାଠାରେ ମହିଳା ବିଜେଡ଼ି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହିଳା ସଂରକ୍ଷଣ ଲାଗୁ କରିବା ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ନର୍ଲା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିପାଇଁ ନର୍ଲା ଡାକ ବଙ୍ଗଳାରେ ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ଅଧ୍ୟକ୍ଷତାରେ ନାରୀ ଅଧିକାର ଅଭିଯାନ ଅନୁଷ୍ଠିତ ହୋଇଥିଲା। ବିଜୁ ବାବୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପୂଜନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ଦିଶାରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ରାଜ୍ୟ ବିଜେପି ମୋହନ ସରକାରଙ୍କ ଅସଫଳତା ଉପରେ ଜୋର ବର୍ଷିଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ଜିଲ୍ଲା ମହିଳା ସଭାପତି ସବିତା ପ୍ରଧାନ, ମହିଳା ଜୋନ ସଭାନେତ୍ରୀ ଲଳିତା ନାଏକ, ପୂର୍ବତନ ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିଜୁ ପଟ୍ଟନାୟକ ମହିଳା ସଂରକ୍ଷଣ ନୀତି ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜେଡି ସୁପ୍ରିମୋ ପଞ୍ଚାୟତିରାଜସ୍ତରରେ ୫୦ ପ୍ରତିଶତ ମହିଳା ସଂରକ୍ଷଣ କରିଥିଲେ। ହେଲେ ଅପାରଗ ମୋହନ ସରକାର ମହିଳାଙ୍କୁ ଅସମ୍ମାନ କରୁଥିବା ସେମାନଙ୍କ ବକ୍ତବ୍ୟରେ କହିଥିଲେ। ସଭା ପରେ ବିଜେଡି ମହିଳା ନେତ୍ରୀମାନେ ହାତରେ ବ୍ୟାନର ଓ ଲିଫଲେଟ ଧରି ବିଜେପି ସରକାର ବିରୋଧରେ ବିଭିନ୍ନ ନାରା ଦେଇ ଶୋଭାଯାତ୍ରାରେ ବ୍ଲକକୁ ଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟ ବରିଷ୍ଠ ନେତ୍ରୀମାନଙ୍କ ମଧ୍ୟରେ ନର୍ଲା ମହିଳା ବିଜେଡି ସଭାନେତ୍ରୀ ପ୍ରମିଳା ପଧାନ, ମ.ରାମପୁର ସଭାନେତ୍ରୀ ତୁଳସୀ ବିଶି, କର୍ଲାମୁଣ୍ଡ ରିତୁରାଣି ନାଗ, ଭିମକେଲା ସରପଞ୍ଚ ଜାନକୀ ଗଉଡ଼, ନର୍ଲାର ତିନିଜଣ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା, ଘୋଡାବନ୍ଧ ସରପଞ୍ଚ ରଶ୍ମିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁବନେତା ଗୋବିନ୍ଦ ତାଣ୍ଡି ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନର୍ଲା ସରପଞ୍ଚ ସଂଘ ସଭାପତି ଅନନ୍ତରାମ ମାଝୀ, ଘଣ୍ଟମାଳ ସରପଞ୍ଚ ଦେବେନ୍ଦ୍ର ସା, ବାଗପୁର ସରପଞ୍ଚ ଗୋପାଳ ହାତୀ, ରାକସୀ ସରପଞ୍ଚ ଯେମନ୍ତ ପୋଢ, ଯୁବନେତା ଜୟନ୍ତ ଗୌଡ, ଅର୍ଜୁନ ପଧାନ, ଘାସିରାମ ସାହୁ, ଟୁଟୁ ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନୀଳମଣି ସାହୁ, ତହସିଲ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

କାଳବୈଶାଖୀର ତାଣ୍ଡବ

# ଗଛ ପଡ଼ି ରାସ୍ତା ଅବରୋଧ ସହ ବିଦ୍ୟୁତ୍ ସେବା ବ୍ୟାହତ





**ଥୁଆମୂଳରାମପୁର, ୨୨।୫ (ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ ନାକୁରୁଣ୍ଡିପଞ୍ଚାୟତର ବିଭିନ୍ନ ଗାଁରେ ଶୁକ୍ରବାର ଦିନ ଦ୍ୱିପ୍ରହରେ କାଳବୈଶାଖି ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ସୃଷ୍ଟି କରିଛି। ହଠାତ୍ ଜୋରଦାର ପବନ ସହ ବର୍ଷା ଆସିବାରୁ ଅନେକ ପରିବାର ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି।ସୂଚନା ଅନୁସାରେ, ଟୁଁରି ଭେଜିଗୁଡା ଗ୍ରାମର ପଟାଦେଇ ମାଝୀ, ଲାଲୁ ମାଝୀ, ଜଗଦୀଶ ମାଝୀ, ପବିତ୍ର ମାଝୀ, ମଙ୍ଗଲୁ ମାଝୀ, ସମରୁ ମାଝୀ ଏବଂ ଅମରସିଂ ମାଝୀଙ୍କ ଘରର ଆଜବେଷ୍ଟ, ଟିଣ ଓ ଛପର ଉଡିଯାଇ ଭାଙ୍ଗି ନଷ୍ଟ ହୋଇଥିବା ଜଣାପଡ଼ିଛି। ସେହିପରି ଝୁଡୁଙ୍ଗିଜୋର୍ ଗାଁର ଗୋବିନ୍ଦ ନାଏକ, ସୁମିତ୍ର ନାଏକ, ନକୁଳ ମାଝୀ ଓ ନାରାୟଣ ମାଝୀଙ୍କ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଘରର ଛାତ ଉଡିଯାଇଥିବାରୁ ଘର ଭିତରେ ରଖାଯାଇଥିବା ଚାଉଳ, ଡାଲି ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ବର୍ଷା ପାଣିରେ ଭିଜି ନଷ୍ଟ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନେକ ପରିବାର ଖୋଲା ଆକାଶ ତଳେ ରହିବାକୁ ବାଧ୍ୟ ହୋଇଥିବା ବେଳେ ସରକାରୀ ସହାୟତା ପାଇଁ ଦାବି ଉଠିଛି। ଅନ୍ୟପଟେ, ମୋହନଗିରୀ-ନାକୁରୁଣ୍ଡି ମୁଖ୍ୟ ରାସ୍ତା ଉପରେ ବଡ଼ ବଡ଼ ଗଛ ଭାଙ୍ଗି ପଡ଼ିଥିବାରୁ ଯାତାୟାତ ବ୍ୟାହତ ହୋଇଥିଲା। କିଛି ସ୍ଥାନରେ ବିଦ୍ୟୁତ ଖୁଣ୍ଟ ମଧ୍ୟ ଉପୁଡି ପଡ଼ିଥିବା ସୂଚନା ମିଳିଛି। ଫଳରେ ଅଞ୍ଚଳରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ପ୍ରଶାସନଙ୍କୁ ଶୀଘ୍ର କ୍ଷୟକ୍ଷତିର ଆକଳନ କରି ପୀଡିତ ପରିବାରମାନଙ୍କୁ ତୁରନ୍ତ ସହାୟତା ଯୋଗାଇଦେବା ସହ ରାସ୍ତା ସଫା କରି ଯାତାୟାତ ଓ ବିଦ୍ୟୁତ ସେବା ସ୍ୱାଭାବିକ କରିବାକୁ ଦାବି।

# ଫାଶୀ ଲଗାଇ ଯୁବକଙ୍କ ଆତ୍ମହତ୍ୟା

**କୋକସରା, ୨୨।୫(ସମିସ):** କୋକସରା ଥାନା ଆଇଁଲିଗ୍ରାମରେ ଜଣେ ଯୁବକ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିଛି। ମୃତ ଯୁବକ ଜଣକ ଆଇଁଲି ଗ୍ରାମର ବାନ୍ଧବ ରାଉତଙ୍କ ପୁଅ କୁନ୍ଦନ ରାଉତ (୨୨) ।ସୂଚନା ଅନୁଯାୟୀ, ଗୁରୁବାର ରାତିରେ କୁନ୍ଦନ ନିଜ ଘର ଭିତରେ ବେକରେ ଫାଶୀ ଲଗାଇଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ କୋକସରା ଡାକ୍ତରଖାନାକୁ ଅଣାଯାଇଥିଲା ସ୍ଥାନୀୟ ପୁଲିସକୁ ମଧ୍ୟ ସୂଚନା ଦିଆଯାଇଥିଲା। ଖବର ପାଇ କୋକସରା ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବବ୍ୟବଚ୍ଛେଦ କରାଯିବା ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ୍ୟୁ ପଛର ପ୍ରକୃତ କାରଣ କ'ଣ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ଥୁଆମୂଳରାମପୁର ବ୍ଲକ୍‌ରେ ଜନ ଭାଗିଦାରୀ ଅଭିଯାନ

**ଥୁଆମୂଳରାମପୁର, ୨୨।୫(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକରେ ଭାରତ ସରକାରଙ୍କ ଜନଜାତି ମନ୍ତ୍ରଣାଳୟ ପକ୍ଷରୁ ଜନ ଭାଗିଦାରୀ ଅଭିଯାନର ଶୁଭାରମ୍ଭ ହୋଇଛି। ମେ ୧୮ ରୁ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ସପ୍ତାହବ୍ୟାପୀ ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ଜନଜାତି ଓ ପିଭିଟିଜି ଅଞ୍ଚଳରେ ସଚେତନତା ସୃଷ୍ଟି କରି ସରକାରୀ କଲ୍ୟାଣମୂଳକ ଯୋଜନାଗୁଡ଼ିକର ସୁବିଧା ଯୋଗ୍ୟ ହିତାଧିକାରୀଙ୍କ ପହଞ୍ଚରେ ଆଣିବା। ଅଭିଯାନ ଅଧୀନରେ ବ୍ଲକର ୨୪ଟି ପଞ୍ଚାୟତର ୧୬୯ଟି ଗାଁକୁ ଅନ୍ତର୍ଭୁକ୍ତ କରାଯାଇଛି। ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳରେ ରହୁଥିବା ଜନଜାତି ସମୁଦାୟଙ୍କ ନିକଟକୁ ସରକାରୀ ସେବା ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟ ଶିବିର, ଆଧାର କାର୍ଡ ଅପଡେଟ୍, ଜନଶୁଣାଣି ଓ ବିଭିନ୍ନ ହିତାଧିକାରୀ ଶିବିର ଆୟୋଜନ କରାଯାଉଛି। ବ୍ଲକ ପ୍ରଶାସନର ସମନ୍ୱୟରେ ବିଭିନ୍ନ ବିଭାଗର ଅଧିକାରୀମାନେ ଗାଁକୁ ପହଞ୍ଚି ଲୋକଙ୍କୁ ସରକାରୀ ଯୋଜନା ବିଷୟରେ ସଚେତନ କରୁଛନ୍ତି। ବିଶେଷକରି ସ୍ୱାସ୍ଥ୍ୟ, ପରିଚୟ ପତ୍ର, ପେନ୍‌ସନ, ଖାଦ୍ୟ ସୁରକ୍ଷା ଓ ଅନ୍ୟାନ୍ୟ କଲ୍ୟାଣମୂଳକ ସୁବିଧା ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି।ଅଭିଯାନ ମାଧ୍ୟମରେ ଜନଜାତି ସମୁଦାୟଙ୍କ ମଧ୍ୟରେ ସରକାରୀ ଯୋଜନା ପ୍ରତି ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବା ସହ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶରେ ସହାୟକ ହେବ ବୋଲି ପ୍ରଶାସନ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।

# ଆଇନ ସଚେତନତା ଶିବିର

**କେସିଙ୍ଗା, ୨୨।୫(ସମିସ):** ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ ଶୁକ୍ରବାର ଦିନ ସ୍ଥାନୀୟ ଅଦାଲତ ପରିସରରେ ଅଧକ୍ଷା ତଥା ବିଚାରପତି ଦୀପ୍ତା ସେଠୀଙ୍କ ଅଧକ୍ଷତାରେ ଆଇନ ସଚେତନତା ଶିବିର ସ୍ଥାୟୀ ଲୋକ ଅଦାଲତ (ଲୋକ ଉପଯୋଗୀ ସେବା)ର ପ୍ରତିଷ୍ଠା ଏବଂ କାର୍ଯ୍ୟ ପ୍ରଣାଳୀ ଶୈଳୀ ସହିତ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ର ବିଭିନ୍ନ ଧାରା ଓ ତତ୍ସଂଲଗ୍ନ ଆଇନ ଉପରେ ଅନୁଷ୍ଠିତ ହୋଇଥିଲା।ଓକିଲ ସଂଘର ବରିଷ୍ଠ ଆଇନଜୀବୀ ପ୍ରକାଶ କୁମାର ଦାସ, ଚିତ୍ତରଞ୍ଜନ ଭୋଇ, ଦିନେଶ କୁମାର ଭୋଇ, ସୁକାନ୍ତ କୁମାର ପଧାନ, ସଞ୍ଜୀବ କୁମାର ସ୍ୱାଇଁଙ୍କ ସମେତ ଅନ୍ୟ ଆଇନଜୀବି ଓ ପରାଲିଗାଲ ସ୍ୱେଚ୍ଛାସେବୀ ଏବଂ ଅଦାଲତ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଆଦିବାସୀଙ୍କ ସ୍ୱାର୍ଥ ପାଇଁ ଅଣ୍ଟା ଭିଡ଼ିଲା ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ




**ନୂଆପଡ଼ା, ୨୨।୫(ସମିସ):** ସରକାର ଆଦିବାସୀଙ୍କ ସକାଶେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ୍ୟ ଫଳପ୍ରସୂ ହେଉନାହିଁ ବୋଲି ମେଳି ବାନ୍ଧି ଜିଲ୍ଲାପାଳ ଅଫିସ ଘେରଉ ପୂର୍ବକ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରେରଣ କରିଛନ୍ତି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ। ଶୁକ୍ରବାର ପୂର୍ବାହ୍ନରେ ପୂର୍ବତନ ରାଜ୍ୟସଭା ସାଂସଦ ତଥା ଆଦିବାସୀ ନେତା ନିରଞ୍ଜନ ବିଶି, ଭାନୁ ପ୍ରତାପ ସିଂ ମାଝିଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ପୁରୁଷ ମହିଳା ସ୍ଥାନୀୟ ପୁଲିସ ପଡ଼ିଆରେ ଠୁଳ ହୋଇଥିଲେ। ପରେ ରାଲିରେ ବାହାରି ସହର ପରିକ୍ରମା କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭାରେ ନେତୃବର୍ଗ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଥିଲେ। ଏଥିରେ ଏସସି ପିଲାଙ୍କ ଶିକ୍ଷାର ବିକାଶ ପାଇଁ ଉଦ୍ଦିଷ୍ଟ ଅନ୍ୱେଷା ଯୋଜନା ବନ୍ଦ କରାଯାଉଥିବା, ଏସ୍‌ଟି, ଏସସି ଛାତ୍ରଛାତ୍ରୀଙ୍କ ପାଇଁ ଜନ୍ମ ଜିଏନଏମ ଏବଂ ବିଏସସି ନର୍ସିଂ କୋର୍ସରେ ବର୍ଷକୁ ୫୦ ହଜାର ଟଙ୍କା ଷ୍ଟାଇପେଣ୍ଡ ବନ୍ଦ କରାଯାଉଥିବା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହିଭଳି ଏସଟି ଏସସି ଯୁବକ ଯୁବତୀ ପାଇଁ ସ୍ୱତନ୍ତ୍ର ନିଯୁକ୍ତି ଅଭିଯାନ ବନ୍ଦ, ଆଦିବାସୀଙ୍କ ଜଙ୍ଗଲ ଜମି ଅଧିକାର ସ୍ୱୀକୃତି ଆଇନ ଅନୁସାରେ ପଟ୍ଟା ପ୍ରଦାନରେ ବିଳମ୍ବ ଏବଂ ଆଇନ ଉଲଂଘନ କରାଯାଉଥିବା ନେଇ ଅଭିଯୋଗ କରାଯାଇଛି। ପତୋରା ଡ୍ୟାମ୍ ଦ୍ୱାରା ରବି ଚାଷ କରିଥିବା ଚାଷିମାନଙ୍କୁ ପ୍ରଶାସନ ଦ୍ୱାରା କୃତିମ ମରୁଡ଼ିରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବା, ଜିଲ୍ଲା ପରିଷଦ ବୈଠକରେ ଜିଲ୍ଲା ପରିଷଦ ଆଦିବାସୀ ସଭାନେତ୍ରୀଙ୍କୁ ଜିଲ୍ଲାପାଳ ନୂଆପଡ଼ାଙ୍କ ଦ୍ୱାରା ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ କରାଯାଇଛି। ଏହିଭଳି ଭିନ୍ନ ଭିନ୍ନ ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡ଼ଲି ମାଝୀ, ଭକ୍ତରାମ ଧରୁଆ, ପରମାନନ୍ଦ ମାଝି, ମିଥିଳା ମାଝୀ, ନିରୁପମା ମାଝୀ ପ୍ରମୁଖ ସାମିଲ ଥିଲେ।

ଗୋଲାମୁଣ୍ଡାରେ ବିରଳ ଦୃଶ୍ୟ

# ସନ୍ଧ୍ୟାରେ ରକ୍ତବର୍ଣ୍ଣ ଆକାଶ

**ଧର୍ମଗଡ଼, ୨୨।୫(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଏକ ଆଶ୍ଚର୍ଯ୍ୟଜନକ ତଥା ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ସାଧାରଣତଃ ସନ୍ଧ୍ୟା ହେଲେ ଆକାଶ ଅନ୍ଧକାରମୟ ହେଉଥିବା ବେଳେ, ହଠାତ୍ ସମଗ୍ର ଆକାଶ ଗାଢ଼ କମଳା ଏବଂ ନାଲି ରଙ୍ଗରେ ଚାଦର ପରି ଘୋଡ଼େଇ ହୋଇଯାଇଥିଲା। ଏହି ଅଲୌକିକ ଦୃଶ୍ୟକୁ ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ କୌତୁହଳ ସହିତ କିଛି ମାତ୍ରାରେ ଭୟର ବାତାବରଣ ମଧ୍ୟ ସୃଷ୍ଟି ହୋଇଛି।ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଓ ଆତଙ୍କ:ଚାହୁଁ ଚାହୁଁ ସାରା ଅଞ୍ଚଳ ଗୋଧୂଳି ସମୟ ପରି ଲାଲ୍ ଦେଖାଯାଇଥିଲା। ବଜାର ଏବଂ ରାସ୍ତାଘାଟରେ ଥିବା ଲୋକେ ନିଜ ନିଜ ମୋବାଇଲ୍‌ରେ ଏହି ଅଦ୍ଭୁତ ଦୃଶ୍ୟର ଭିଡିଓ ଉତ୍ତୋଳନ କରୁଥିବା ଦେଖିବାକୁ ମିଳିଥିଲା। କିଛି ବୟସ୍କ ବ୍ୟକ୍ତି ଏହାକୁ କୌଣସି ପ୍ରାକୃତିକ ବିପର୍ଯ୍ୟୟର ପୂର୍ବ ସଙ୍କେତ ବୋଲି ଆଶଙ୍କା ପ୍ରକାଶ କରୁଥିବା ବେଳେ, ସାଧାରଣ ଜନତା ଏହାକୁ ନେଇ ବେଶ୍ ଚକିତ ହୋଇଛନ୍ତି। ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି। ଏହି ଦୃଶ୍ୟ କିଛି ସମୟ ପର୍ଯ୍ୟନ୍ତ ରହିବା ପରେ ଧୀରେ ଧୀରେ ଆକାଶ ସ୍ୱାଭାବିକ ଅନ୍ଧକାର ରୂପକୁ ଫେରିଆସିଥିଲା।

ରାସ୍ତାରେ ହାଇୱା ଚଳାଚଳକୁ ବିରୋଧ

# ତହସିଲଦାର ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

**କେସିଙ୍ଗା, ୨୨।୫(ସମିସ)**



କଳାହାଣ୍ଡି ଜିଲ୍ଲା କେସିଙ୍ଗା ୱାର୍ଡ ନଂ ୬ ତେଲନଦୀ ତୁଠରେ ଥିବା ପାଣିପମ୍ପ ରାସ୍ତାରେ କାହିଁ କେତେ ଦିନରୁ ସହରବାସୀ ଏନ୍‌ଏସି ପକ୍ଷରୁ ତିଆରି ହୋଇଥିବା ଓପନ ଜିମ୍‌ରେ ଶାରୀରିକ ବ୍ୟାୟାମ ସହିତ ନଦୀକୂଳର ପ୍ରାକୃତିକ ଦୃଶ୍ୟକୁ ଉପଭୋଗ କରିବା ପାଇଁ ବ୍ୟବହାର କରୁଛନ୍ତି।ହେଲେ ବର୍ତ୍ତମାନ ତେଲନଦୀରୁ ବାଲି ଉଠାଇବା ପାଇଁ ଉକ୍ତ ରାସ୍ତାରେ ବିନା ଅନୁମତିରେ ବଡ଼ବଡ଼ ବାଲି ବୋଝେଇ ହାଇୱା ଯାଆ ଆସ କରିବାରୁ ରାସ୍ତାଟି ବହୁଳ ପରିମାଣରେ ଖରାପ ହେବା ସହିତ ବିପଦଶଙ୍କୁଳ ଅବସ୍ଥାରେ ପଡ଼ିରହିଛି।ଉକ୍ତ ରାସ୍ତାଟି କେସିଙ୍ଗାରୁ ଟିଟଲାଗଡ଼ ଯିବା ମୁଖ୍ୟ ରାସ୍ତାରୁ ସାଇଡରେ ଅବସ୍ଥିତ। ଉକ୍ତ ରାସ୍ତା କେବଳ ପିଏଚ୍‌ଡି ବିଭାଗର ପାଣିପମ୍ପର ପରିଚାଳନା ଓ ଉକ୍ତ ରାସ୍ତାରେ ଥିବା ଚାଷଜମିକୁ ଚାଷ ପାଇଁ କୃଷକମାନେ ଯିବା ଆସିବା ଓ ସହରର କୌଣସି ଅଞ୍ଚଳବାସୀଙ୍କ ମୃତ୍ୟୁ ହେଲେ ସଂସ୍କାର କାର୍ଯ୍ୟ ପାଇଁ ପାଇଁ ନଦୀ ତୁଠକୁ ଯିବା ପାଇଁ ପ୍ରଯୁଜ୍ୟ ଅଟେ। ତତ ସହିତ ଉକ୍ତ ରାସ୍ତାରେ କେସିଙ୍ଗା ସହରବାସୀଙ୍କ ପାଇଁ ରାସ୍ତାକଡ଼ରେ ସ୍ମାର୍ଟ ଶବଦାହ ଗୃହ ନିର୍ମାଣ କରାଯାଉଛି। ଯେଉଁଥି ପାଇଁ ଉକ୍ତ ସ୍ଥାନକୁ ତାରବାଡ ମଧ୍ୟ ପକାଯାଇଛି। ହେଲେ ବାଲି ଉଠାଇବା ପାଇଁ ଲିଜ ନେଇଥିବା ଠିକାଦାର ଉକ୍ତ ତାରବାଡ ଭାଙ୍ଗି ଉକ୍ତସ୍ଥାନରେ ହାଇୱା ଦ୍ୱାରା ବାଲି ଉଠାଇବା କାମ କରୁଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଶୁକ୍ରବାର ଦିନ ଅଞ୍ଚଳବାସୀଙ୍କ ତରଫରୁ ପ୍ରଶାନ୍ତ ବାନାର୍ଜୀ, ବରିଷ୍ଠ ଆଇନଜୀବୀ ଯୁଗଳ କିଶୋର ଦୀପ ଓ ସନ୍ତୋଷ କୁମାର ଦାସ, ବଣ୍ଟି ସାହୁଙ୍କ ସମେତ ଅଞ୍ଚଳବାସୀ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ଓ କେସିଙ୍ଗା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରି ଯଥା ଶୀଘ୍ର ଉକ୍ତ ରାସ୍ତାରେ ବାଲି ବୋଝେଇ ହାଇୱା ଚଳାଚଳ ବନ୍ଦ କରିବା ସହିତ ହାଇୱା ଚାଲି ଖରାପ ହୋଇଥିବା ଉକ୍ତ ରାସ୍ତା କୁ ସ୍ଥାନୀୟ ପ୍ରଶାସନ ମରାମତି ନ କଲେ ଆଗାମୀ ଦିନରେ ଅଞ୍ଚବାସୀଙ୍କ ପକ୍ଷରୁ ରାସ୍ତା ରୋକ କରାଯିବା ସହିତ ଆନ୍ଦୋଳନ ମଧ୍ୟ କରାଯିବ ବୋଲି ଅଞ୍ଚଳବାସୀ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଛନ୍ତି। ଅନ୍ୟପଟେ ଦାବିପତ୍ର ପ୍ରଦାନର ଏକ ଘଣ୍ଟା ମଧ୍ୟରେ କେସିଙ୍ଗା ଏନ୍‌ଏସି ପକ୍ଷରୁ ପାଣି ପମ୍ପ ରାସ୍ତା ଖରାପ ଓ ବେଆଇନ ହାଇୱା ଚଳା ଚଳକୁ ନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୁହାଯାଇଛି। ସେହି ରାସ୍ତାରେ ଲୁହା ବ୍ୟାରିକେଟ ଲଗାଇବା ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ପ୍ରତିଶ୍ରୁତି ମିଳିଛି।

# ୨୪ ଦୃଷ୍ଟିବାଧିତ ମାଟ୍ରିକ ପାସ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଭବାନୀପାଟଣା, ୨୨।୫(ସମିସ):** ସ୍ଥାନୀୟ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହଠାରେ ୨୦୨୫-୨୬ ମାଟ୍ରିକ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପାଇଁ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଥିଲା। ସମଗ୍ର ଶିକ୍ଷା ଓ



ସାଇଟସେଭର୍ସ ଇଣ୍ଡିଆ ସହଯୋଗରେ ଅନ୍ତର୍ନିବେଶୀ ଶିକ୍ଷାକୁ ପ୍ରୋତ୍ସାହନ ଦେବା ସହିତ ଦୃଷ୍ଟିବାଧିତ ପିଲାମାନଙ୍କ ଶୈକ୍ଷିକ ସଫଳତାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକରୁ ୨୪ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ମାଟ୍ରିକ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ।ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କୁମାର କହଁର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତପିମଣି ଜାନି ଓ ଶୁଭଲକ୍ଷ୍ମୀ ନାୟକ, ବିଭିନ୍ନ ବ୍ଲକର ବ୍ଲକ ଶିକ୍ଷା ଅଧିକାରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସମଗ୍ର ଶିକ୍ଷାର ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜିକା ଲିପିକା ଅପରାଜିତା। ଦୃଷ୍ଟିବାଧିତ ସଫଳ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସାଗରିକା ମେହେର ୨୦୨୫-୨୬ ମାଟ୍ରିକ ପରୀକ୍ଷାରେ ୮୦%ନମ୍ବର ହାସଲ କରି ବିଶେଷ ପ୍ରଶଂସା ଅର୍ଜନ କରିଥିଲେ। ତାଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ତାଙ୍କୁ ସ୍ମାରକୀ, ପାଠ୍ୟ ଟେବୁଲ ଏବଂ ବ୍ୟାଗ ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନା ସମାରୋହ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାରଙ୍କ ପାଇଁ ଏକ ପ୍ରେରଣାଦାୟକ ଓ ଭାବପ୍ରବଣ ପରିବେଶ ସୃଷ୍ଟି କରିଥିଲା।

